# ତହସିଲଦାରଙ୍କ କାର୍ଯ୍ୟାଳୟ, ବାଙ୍ଗିରିପୋଷି, ମୟୂରଭଞ୍ଜ

E mail Id - tah.bangiri-od@nic.in/ tdrbgrposi@gmail.com

**ନିଲାମ ଇସ୍ତାହାର-ପତ୍ର ସଂଖ୍ୟା.-2634/(Touzi) ତା.- 02.09.2022**

---

## ଦୀର୍ଘ ମିଆଦୀ ଲିଜ ନିମନ୍ତେ ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବାଙ୍ଗିରିପୋଷି ତହସିଲ ଅନ୍ତର୍ଗତ ମୁଣ୍ଡାବଣି ପଥର ଖାଦାନ-1 (ସୈରାତ ଭଣ୍ଡ ) ଲଘୁ ଖଣିଜ ଦ୍ରବ୍ୟ କୁ ଅନ୍ୟୁନ 5 (ପାଞ୍ଚ) ବର୍ଷ ନିମନ୍ତେ (2022-23 ଆର୍ଥିକ ବର୍ଷ ଠାରୁ 2027-28 ବର୍ଷ ପର୍ଯ୍ୟନ୍ତ) ଦୀର୍ଘ ମିଆଦି ଲିଜ ସୂତ୍ରେ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ 2016 ର ଫର୍ମ-<u>M (3-ସେଟ)</u> ପୂରଣ କରି, ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଶିଲମୁଦ ଦିଆଯାଇଥିବା ଲଫାପା (Sealed Cover )ରେ ଆବେଦନ କରୁଥିବା ଲୋକର ନାମ ଓ ସୈରାତ କେସ୍ ନମ୍ବର ଉଲ୍ଲେଖ କରି Registered Post/ Speed Post ଜରିଆରେ ବାଙ୍ଗିରିପୋଷି ତହସିଲଦାରଙ୍କ କାର୍ଯ୍ୟାଳୟ ଠିକଣାରେ / ତହସିଲଦାରଙ୍କ କାର୍ଯ୍ୟାଳୟରେ ଥିବା ଶିଲମୁଦ ଦିଆ ଟେଣ୍ଡର ବାକ୍ସରେ ଆସନ୍ତା ତା 12.09.2022 ରିଖ ଠାରୁ ତା 27.09.2022 ରିଖ ଅପରାହ୍ଣ 5 ଘଟିକା ମଧ୍ୟରେ (ଛୁଟି ଦିନ ବ୍ୟତୀତ) ପକାଇ ପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେବାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ତା 28.09.2022 ରିଖ ସମୟ 11 ଘଟିକାରେ ଲିଜ ଦରଖାସ୍ତକାରୀ / ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତଦାରଖ କରାଯାଇ ଲିଜ ଚୂଡାନ୍ତ କରାଯିବ ଓ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ କରାଯିବ ।

### <u>ଆବଶ୍ୟକୀୟ ଦସ୍ତାବିଜ୍</u>

1. OMMC Rule-2016 & OMMC (Amendment) Rule-2022 ଅନୁଯାୟୀ ନିର୍ଭୁଲ ଭାବରେ ପୂରଣ ହୋଇଥିବା ଏବଂ ଦରଖାସ୍ତକାରୀଙ୍କ ଦ୍ୱାରା ଦସ୍ତଖତ କରାଯାଇଥିବା ତିନିକିତା ଫର୍ମ- M (3copies) ଦାଖଲ କରିବେ ।
2. ଦରଖାସ୍ତ ଫି ବାବଦକୁ ଟ.1,000/- (ଏକ ହଜାର) ଟଙ୍କାର ଟ୍ରେଜେରୀ ଚାଲାଣ (Head of Account – 0853 – Non-Ferrous Mining and Metallurgical Industries –102- Mineral Concession Fees, Rents and Royalties-0217 received under Odisha Minor Mineral Concession Fees(New)-02021-Collection of Fees, Rents and Royalties(New) ଜମା କରିବାକୁ ପଡିବ । ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।
3. ଦରଖାସ୍ତକାରୀଙ୍କ ପାନ କାର୍ଡ ଏବଂ ଆଧାର କାର୍ଡ/ଭୋଟ ପରିଚୟ ପତ୍ର କିମ୍ବା ସମ୍ପୂର୍ଣ୍ଣ ଠିକଣା ଥିବା ପ୍ରମାଣ ପତ୍ର ର ଅବିକଳ ନକଲରେ ସ୍ୱ-ସ୍ୱାକ୍ଷରିତ ଦାଖଲ କରିବେ ।
4. ଦରଖାସ୍ତକାରୀଙ୍କ ନାମରେ Mines & Minerals(Development & regulation) Act 1957 & OMMC Rule 2016 ଅନୁଯାୟୀ କୌଣସି ଖଣିଜ <u>ଦେୟ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟପାଠ</u> ଦାଖଲ କରିବେ ।
5. ଦରଖାସ୍ତକାରୀ 18 ମାସର ଅବଧି ଥାଇ ବ୍ୟାଙ୍କ ପ୍ରତ୍ୟାଭୂତି ( Bank Guarantee) / ଗତ ଆର୍ଥିକ ବର୍ଷର ଆୟକର ଦାଖଲ ( filing of Income Tax return) ର ପରିମାଣ ଦାଖଲ କରିବେ । ଯାହାର ବାର୍ଷିକ ନ୍ୟୁନତମ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity as specified in the Mining Plan ) x Royalty + Additional Charges by Participant / Applicant). For example:- Bank Guarantee /Income Tax Return for Last Financial of the Applicant = MGQ as per Mining Plan X Offered Additional Charges Quoted by the Participant + Royalty) ।

6. ଦରଖାସ୍ତକାରୀ ଆବେଦନ କରୁଥିବା ସୈରାତ ଉପରେ Earnest Money Deposit (EMD) ବ୍ୟାଙ୍କ ଡ୍ରାଫ୍ଟ ଭାବେ ଜମା କରିବେ ଯାହାର ପରିମାଣ **EMD = 5% of (Minimum Guaranteed Quantity X Minimum Additional Charges specified in the Notice + Royalty).** ଉକ୍ତ ବ୍ୟାଙ୍କ ଡ୍ରାଫ୍ଟ **Tahasildar, Bangriposi** ଙ୍କ ନାମରେ **Payable at SBI Jharpokharia Branch .** ନଚେତ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

7. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ (ତହସିଲଦାରଙ୍କ ଠାରୁ) ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ସ୍ଥାବର ସମ୍ପତ୍ତି (Immovable Property) ର ତାଲିକା ।

8. ଦରଖାସ୍ତକାରୀ ଗତ ବର୍ଷର ଆୟକର ଦାଖଲ (filing of Income Tax return) ର ବିବରଣୀର ନକଲ ଦାଖଲ କରିବା ହେବ ।

9. ଦରଖାସ୍ତକାରୀ GST clearance certificate/ GST ନମ୍ବର ର ଅବିକଳ ନକଲ ଦାଖଲ କରିବେ ।

10. ଦରଖାସ୍ତକାରୀ କୌଣସି ସୈରାତ ଉପର ନିମନ୍ତେ ଆବେଦନ କରିବା ପୂର୍ବରୁ ଉକ୍ତ ଉପରକୁ ପରିଦର୍ଶନ କରିଥିବାର ଏକ ସ୍ୱ-ଘୋଷିତ ଲିଖିତ ନାମା (Self-Declaration) ଦାଖଲ କରିବେ ।

11. ଦରଖାସ୍ତକାରୀ ସୈରାତ ଉପରର Mining plan, EC preparation & Sairat Advertising cost ଇତ୍ୟାଦି ଖର୍ଚ୍ଚ ବହନ କରିବେ ।

ବି.ଦ୍ର - ଉପରୋକ୍ତ ନୀୟମାବଳୀ ଓ ଦସ୍ତାବିଜ ନଥିଲେ କିମ୍ବା କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆବେଦନକାରୀଙ୍କର ଆବେଦନଟିକୁ ନିଲାମ ପ୍ରକ୍ରିୟାରୁ ବାଦ ଦିଆଯିବ ।

<u>ଲିଜ ପାଇଁ ଉଦ୍ଦିଷ୍ଟ ସୈରାତ ଉପର ବିସ୍ତାରିତ ବିବରଣୀ ଧାର୍ଯ୍ୟ</u>

| କ୍ରମିକ ସଂଖ୍ୟା | ମୌଜାର ନାମ | ସୈରାତ ଉପର ନାମ | ଖାତା ନଂ | ପ୍ଲଟ ନଂ | ରକବା | କିସମ | ସରକାରୀ ମୂଲ୍ୟ ଓ ସର୍ବନିମ୍ନ ଅତିରିକ୍ତ ଦେୟ | ବାର୍ଷିକ ପଥର ଉତ୍ତୋଳନ ପରିମାଣ (MGQ) | ମନ୍ତବ୍ୟ |
|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| 1 | ମୁଣ୍ଡଖୋଇ | ମୁଣ୍ଡଖୋଇ ପଥର ଖାଦାନ-1 | 74 | 405/1 | A.7.00 dec./ 2.83 Hect | ପର୍ବତ- 2 | Rs.130/- + Rs.416/- =Rs.546/- | 30280cum. | |

<u>ସର୍ତ୍ତାବଳୀ</u>

1. ଆବେଦନକାରୀ ମାନେ OMMC Rules 2016 & Amendment Rules there after ର ପରିଧିରେ ବାଧ୍ୟ ରହିବେ ଏବଂ ତତ ସଂକ୍ରାନ୍ତ ସମସ୍ତ ସରକାରୀ ଓ ପ୍ରଶାସନିକ ଆଦେଶ ମାନିବାକୁ ବାଧ୍ୟ ହେବେ ।

2. ଲିଜ୍ ପାଇଁ ଆବେଦନ କରିବା ପୂର୍ବରୁ ଇଚ୍ଛୁକ ବ୍ୟକ୍ତି ଉକ୍ତ ସ୍ଥଳୀକୁ ନିଜେ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଯାତାୟାତ ସୁବିଧା, ସଞ୍ଚିତ ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟାବେକ୍ଷଣ କରି ନିଶ୍ଚିତ ହୋଇଥିବେ । ଲିଜ ନେବା ପରେ ସୈରାତ ଚଳାଇବା କିମ୍ବା ରାସ୍ତା ଦେଖାଇବା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କ୍ଷତିପୂରଣ ଦାବୀ କରିବେ ନାହିଁ ।

3. ଲିଜ ପାଇବା ପରେ ସୈରାତ ଚଳାଇବା ପାଇଁ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ କିମ୍ବା କ୍ଷତିପୂରଣ ଦାବୀ କରିବେ ନାହିଁ ।

4. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି 1 ରୁ ଅଧିକ ନିଲାମ ଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ (Draw of lots) ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।

5. ଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀ ଚିହ୍ନିତ ହୋଇଥିବା ଲିଜ୍ **ଉପର ସର୍ବନିମ୍ନ ବାର୍ଷିକ ପରିମାଣ (MGQ) ସହିତ ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ସହିତ ପଥର ରୟାଲଟି ଏବଂ ବାର୍ଷିକ (MGQ) ପାଇଁ ଧାର୍ଯ୍ୟ DMF(Contribution payable to DMF) ମିଶାଇ ମୋଟ ରାଶିର 25% ପୂର୍ବରୁ ଦାଖଲ କରିଥିବା ଜମା ରାଶିକୁ ବାଦ୍ ଦେଇ ଏକତ୍ର କରି ଅମାନତ ରାଶି (Security Deposit) ଆକାରରେ ଦାଖଲ କରିବେ** । ଏହି ଅମାନତ ରାଶି ବିନା ସୁଧ (Interest Free) ରେ ରଖାଯିବ । ଯଦି ମନୋନୀତ ଆବେଦନକାରୀ 15 ଦିନ ମଧ୍ୟରେ ଉକ୍ତ ରାଶି

ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକାରୀଙ୍କୁ ସୁଯୋଗ ଦିଆଯିବ । ମନୋନୟନ ପ୍ରକ୍ରିୟା ସମାପ୍ତ ହେଲାପରେ ଅକୃତକାର୍ଯ୍ୟ ଆବେଦନକାରୀ ମାନଙ୍କୁ ଜମା ଦେଇଥିବା Earnest Money ଫେରସ୍ତ କରାଯିବ ।

6. ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ Mining Plan ରେ ଦର୍ଶାଯାଇଥିବା ଲଘୁ ଖଣିଜ ଉତ୍ତୋଳନ ପରିମାଣ ଅନୁଯାୟୀ ବାର୍ଷିକ ସମସ୍ତ ଟଙ୍କା ଲିଜଧାରୀଙ୍କୁ ଏକକାଳୀନ ଦାଖଲ କରିବାକୁ ପଡିବ । ଏହା ବ୍ୟତୀତ ଆବେଦନକାରୀ ବା ଲିଜଧାରୀ ଦାଖଲ କରିଥିବା ସମସ୍ତ ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟର ଶତକଡା 5% ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି ବାବଦକୁ ଦେୟ କରିବା ସହିତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ District Mineral foundation ବାବଦକୁ ଶତକଡା 10% ଭାଗ ଅର୍ଥ ଜମା କରିବାକୁ ପଡିବ । ସେହିଭଳି ଲିଜ ଧାରୀଙ୍କୁ ଆଗାମୀ 7 (ସାତ) ଦିନ ମଧ୍ୟରେ ପ୍ରଥମ ବର୍ଷର ପରିମାଣ ଅନୁଯାୟୀ (ନିମ୍ନରେ ପ୍ରଦତ୍ତ ସୂଚୀ ଅନୁସାରେ) ବଳକା ଥିବା ଅତିରିକ୍ତ ଦେୟ ତଥା ରୟାଲଟିର ମୂଲ୍ୟ ଜମା କରିବାକୁ ପଡିବ । ଲିଜଧାରୀ ବଳକା ଥିବା ମୂଲ୍ୟ ଜମା କରିବା ପରେ ନିଜ ଖର୍ଚ୍ଚରେ ଲିଜ ବା ଚୁକ୍ତି(Agreement) (ରେଜିଷ୍ଟ୍ରେସନ ଆକ୍ଟ – 1908 ଓ ଷ୍ଟାମ୍ପ ଆକ୍ଟ 1899 ଅନୁଯାୟୀ) ସମ୍ପାଦନ କରିବେ । ଯଦି ନିର୍ବାଚିତ ଦରଖାସ୍ତକାରୀ ଚୁକ୍ତି ସମ୍ପାଦନ ପୂର୍ବରୁ ନିର୍ଦ୍ଧାରିତ ମୂଲ୍ୟ ଜମା ନ କରନ୍ତି, ତେବେ ତାଙ୍କର EMD ଓ ଜମା କରିଥିବା ରାଶି ବାଜ୍ୟାପ୍ତ କରି ସରକାରଙ୍କ ଖଜଣାରେ ଜମା ଦିଆଯିବ ।

7. ଯଦି ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ଦେୟ ଦେୟ ନ କରନ୍ତି ବା ଅସ୍ୱୀକାର କରନ୍ତି ତାହେଲେ ଦ୍ୱିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

8. ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶିଠାରୁ ଅତିକମ୍ ହୋଇଥାଏ, ତେବେ ଲିଜ୍ ପ୍ରକ୍ରିୟାକୁ ରଦ୍ଦ କରାଯାଇ Controlling Authority ଙ୍କ ଅନୁମତି କ୍ରମେ ନୂତନ ରୂପେ ନିଲାମ କରାଯିବ ।

9. ଲିଜଧାରୀଙ୍କ ପ୍ରତ୍ୟେକ ବର୍ଷ ଧାର୍ଯ୍ୟ କରାଯାଇଥିବା ରୟାଲଟି ଏବଂ ଅତିରିକ୍ତ ଦେୟ ସହିତ Dead Rent & Surface Rent ଦାଖଲ କରିବାକୁ ପଡିବ ଲିଜଧାରୀଙ୍କୁ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ବର୍ଦ୍ଧିତ ହେଉଥିବା ରୟାଲଟି/Dead Rent ଓ ଅନ୍ୟାନ୍ୟ ଦେୟର ଧାର୍ଯ୍ୟ ମୂଲ୍ୟ ଜମାକରିବାକୁ ପଡିବ । ପ୍ରାଧିକୃତ ଅଧିକାରୀ Mining Plan ରେ ଦର୍ଶାଯାଇଥିବା ସର୍ବନିମ୍ନ ଉତ୍ତୋଳନ ପରିମାଣ ଏହି ନୋଟିସରେ ଦର୍ଶାଇଥିବା ପରିମାଣ ସହିତ ସମାନ କିମ୍ବା ଅଧିକ ହୋଇପାରେ ।ତେଣୁ ଦିଆଯାଇଥିବା ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ମୁତାବକ ସମସ୍ତ ଦେୟ ରୟାଲଟି DMF ଏବଂ ଅନ୍ୟାନ୍ୟ ଦେୟ ଦାଖଲ କରିବେ ।

10. ଲିଜଧାରୀ ବାର୍ଷିକ ନିଲାମ ମୂଲ୍ୟର 2 % (ଶତକଡା ଦୁଇ) ଆୟକର ଓ ସମୟାନୁକ୍ରମେ ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ଅନ୍ୟାନ୍ୟ ସରକାରୀ ଦେୟ ପ୍ରତ୍ୟେକ ବର୍ଷ ଜମାକରିବା ପାଇଁ ପଡିବ ।

11. SEIAA ର ଆଦେଶ ସଂଖ୍ୟା 4922 ତା 24.07.2022 ରିଖ ଅନୁଯାୟୀ, TOR ପ୍ରଦାନ ହୋଇଅଛି । ସର୍ବସାଧାରଣ ଶୁଣାଣି ଓ ପ୍ରାଧିକୃତ ସଂସ୍ଥା ଦ୍ୱାରା କ୍ଷେତ୍ର ପରିଦର୍ଶନ ଏବଂ ତତସହିତ ସମସ୍ତ ନିୟମର ଅନୁପାଳନ ପରେ ଲିଜଧାରୀ SEIAA ଠାରୁ Environment Clearance ପ୍ରାପ୍ତ କରିବା ହେବେ ।

12. ମନୋନୀତ ଆବେଦନକାରୀ Mining Plan ଓ Environment Clearance ବାବଦରେ ଖର୍ଚ୍ଚ ହୋଇଥିବା ଟଙ୍କା ଦେବାକୁ ପଡିବ । ଏହା ସହିତ ଲିଜଧାରୀଙ୍କୁ ବିଜ୍ଞାପନ ଖର୍ଚ୍ଚ ବହନ କରିବାକୁ ପଡିବ ।

13. ନିଲାମ ତାରିଖ ଦିନ ଦରଖାସ୍ତକାରୀ କିମ୍ବା ତାଙ୍କର ଅଧିକୃତ ପ୍ରତିନିଧି ଅନୁପସ୍ଥିତ ରହିଲେ, ତାଙ୍କର କୌଣସି ଅଭିଯୋଗ ଶୁଣାଯିବ ନାହିଁ ।

14. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନ ଅନୁଯାୟୀ ଦସ୍ତାବିଜ ଦାଖଲ କରିନଥାନ୍ତି ତେବେ ତାଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

15. ଲିଜଧାରୀ OMMC Rule - 2016 ର ନିୟମ – 33(1-29)ର ସମସ୍ତ ସର୍ତ୍ତାବଳୀ ପାଳନ କରିବା ପାଇଁ ବାଧ୍ୟ ହେବେ । ଲିଜଧାରୀ ନିର୍ଦ୍ଧାରିତ ନିୟମର ଉଲ୍ଲଂଘନ କଲେ ଜମା ଦେଇଥିବା ସିକ୍ୟୁରିଟି ରାଶିକୁ ବାଜ୍ୟାପ୍ତ କ୍ଷମତା ପ୍ରାଧିକୃତ ଅଧିକାରୀଙ୍କ ପାଖରେ ରହିଅଛି । ଏହା ବ୍ୟତୀତ OMMC Rule - 2016 ଅନୁସାରେ ମଧ ଦଣ୍ଡିତ ହେବେ ।

16. ଲିଜଧାରୀ Mines Act-1952 ଏବଂ Explosive Act-1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅନୁପାଳନ କରିବେ ।

17. ସର୍ବୋଚ୍ଚ ନିଲାମଧାରୀ ପଥର ଖାଦାନ ଚଳ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to operate) ଓଡିଶା ପ୍ରଦୂଷଣ ବୋର୍ଡ (Odisha Pollution Control Board) ରୁ ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

18. ସୂଚନା ଫଳକ (Display Board) ତିଆରି କରି ସେଥିରେ ଖଣିଖାଦ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମାଧାନ ପାଇଁ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

19. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ. କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ଖଣିଖାଦ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ ।

20. କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ ବା ସ୍ଥଗିତ କରିପାରିବେ ।

21. ଏହି ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ମନୋନୀତ ଆବେଦନକାରୀଙ୍କୁ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ -2016 ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧିତ) ଆଇନ୍ – 2017 ନିୟମାବଳୀ ପ୍ରକାରେ ସମସ୍ତ ଦେୟ ଜମା ଦେଇ ଲିଜ ପାଇଁ ଚୁକ୍ତି ପତ୍ର ସମ୍ପାଦନ କରିବାକୁ ହେବ ।

22. ଲିଜଧାରୀ Mining Plan & EC ରେ ବର୍ଣ୍ଣିତ ହୋଇଥିବା ସମସ୍ତ ସର୍ତ୍ତାବଳୀକୁ ପାଳନ କରିବାକୁ ବାଧ୍ୟ ଅଟନ୍ତି ।

23. ନିଲାମଧାରୀ ଜଳକୁ ଲାଗିଥିବା ରାସ୍ତାର ରକ୍ଷଣାବେକ୍ଷଣ କରିବେ, ଉକ୍ତ ଚାରିପାଖରେ ଖାଲି ଥିବା ସ୍ଥାନରେ ପରିବେଶ ସନ୍ତୁଳନ ନିମନ୍ତେ ବୃକ୍ଷ ରୋପଣ କରିବେ, ସୈରାତ ଉତ୍ତୋଳନ ପରେ ହୋଇଥିବା ଗର୍ତ୍ତକୁ ନିଜ ଖର୍ଚ୍ଚରେ ପୂରଣ କରିବେ ।

ଯଦି ପ୍ରଥମ ଧାର୍ଯ୍ୟ ତା.28.09.2022 ରିଖରେ କୌଣସି କାରଣ ବଶତଃ ଶିଲମୋହର ଟେଣ୍ଡର ବାକ୍ସ ଖୋଲାହୋଇ ନପାରିଲେ, ପରବର୍ତ୍ତୀ ପର୍ଯ୍ୟାୟ ତା.29.09.2022 ରିଖ ପୂର୍ବାହ୍ନ 11 ଘଟିକାରେ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଶିଲମୋହର ଟେଣ୍ଡର ବାକ୍ସ ଖୋଲାଯାଇ ଲିଜ୍ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଯଦି ପ୍ରଥମ ଧାର୍ଯ୍ୟ ତା.28.09.2022 ରିଖରେ ସମସ୍ତ ଦାଖଲକାରୀ ଅଯୋଗ୍ୟ ବିବେଚିତ ହୁଅନ୍ତି କିମ୍ବା କୌଣସି ଉକ୍ତ ଘାଟ ପାଇଁ ଯଦି ଆବେଦନ ଦାଖଲ ନଥାଏ ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ତା.12.10..2022 ରିଖ ଅପରାହ୍ନ 5 ଘଟିକା ସୁଦ୍ଧା ଆବେଦନ କରିପାରିବେ ଏବଂ ତାହା ତା.13..10.2022 ରିଖ ପୂର୍ବାହ୍ନ 11 ଘଟିକାରେ ବାଙ୍ଗିରିପୋଷି, ତହସିଲଦାରଙ୍କ କାର୍ଯ୍ୟାଳୟରେ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଶିଲମୋହର ଟେଣ୍ଡର ବାକ୍ସ ଖୋଲାଯିବ ଓ ଲିଜ୍ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବା, ପରିବର୍ତ୍ତନ କରିବା, ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବା କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ଅଛି ।

Sd/-
ତହସିଲଦାର, ବାଙ୍ଗିରିପୋଷି

ଜ୍ଞାପକ ସଂଖ୍ୟା – 2635(2) / ତା. 02.09.2022

ଏହାର ଏକକିତା ନକଲ ଜିଲ୍ଲାପାଳ, ମୟୂରଭଞ୍ଜ ଓ ଉପ-ଜିଲ୍ଲାପାଳ, ବାରିପଦାଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡ଼ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

Sd/-
ତହସିଲଦାର, ବାଙ୍ଗିରିପୋଷି

ଜ୍ଞାପକ ସଂଖ୍ୟା – 2636(21)/ ତା. 02.09.2022

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାଙ୍ଗିରିପୋଷି ଏବଂ ସମ୍ପୃକ୍ତ ଅଞ୍ଚଳର ଗ୍ରା.ପ /ବାଙ୍ଗିରିପୋଷି ଥାନା ଅଧିକାରୀଙ୍କ ନୋଟିସ୍ ବୋର୍ଡ଼ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

Sd/-
ତହସିଲଦାର, ବାଙ୍ଗିରିପୋଷି

ଜ୍ଞାପକ ସଂଖ୍ୟା – 2637(5)/ ତା. 02.09.2022.

ଏହାର ଏକକିତା ନକଲ ବାଙ୍ଗିରିପୋଷି ତହସିଲ ଅଧୀନରେ ଥିବା ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ନିଜ କାର୍ଯ୍ୟାଳୟର ନୋଟିସ୍ ବୋର୍ଡ଼ରେ ପ୍ରକାଶ କରିବା ଓ ଏହାର ବହୁଳ ପ୍ରଚାର, ପ୍ରସାର ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

Sd/-
ତହସିଲଦାର, ବାଙ୍ଗିରିପୋଷି

ଜ୍ଞାପକ ସଂଖ୍ୟା – 2638 ତା.02.09.2022

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ମୟୂରଭଞ୍ଜଙ୍କୁ ଜିଲ୍ଲାରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବାଙ୍ଗିରିପୋଷି